ନାଗରିକ ଅଧିକାର ଓ କର୍ତ୍ତବ୍ୟ

ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର
ଓଡ଼ିଶା, ଭୁବନେଶ୍ୱର

Digitized by srujanika@gmail.com

ନାଗରିକ ଅଧିକାର ଓ କର୍ତ୍ତବ୍ୟ

ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା

ଜନଶିକ୍ଷା ଭବନ

ୟୁନିଟ - ୫

ଭୁବନେଶ୍ୱର - ୧

Digitized by srujanika@gmail.com

ନାଗରିକ ଅଧିକାର ଓ କର୍ତ୍ତବ୍ୟ

ଲେଖକ :

ଡକ୍ଟର ଜଗନ୍ନାଥ ମହାନ୍ତି

ପ୍ରଥମ ମୁଦ୍ରଣ : ୧୯୯୭

ପ୍ରକାଶନ ସଂଖ୍ୟା

ଏସ୍. ଆର. ସି. - ୧୯୯ - ୩୧/୯୭

ମୁଦ୍ରଣ ସଂଖ୍ୟା : ୧୦୦୦

ପ୍ରକାଶକ :

ଡକ୍ଟର ବିମଳେନ୍ଦୁ ମହାନ୍ତି

ନିର୍ଦ୍ଦେଶକ,

ରାଜ୍ୟ ଜନଶିକ୍ଷା ସାଧନକେନ୍ଦ୍ର, ଓଡ଼ିଶା

ଭୁବନେଶ୍ୱର - ୭୫୧୦୦୧

ମୁଦ୍ରାକର :

କେଦାର ପ୍ରିଣ୍ଟିଂ ପ୍ରେସ

ଭୁବନେଶ୍ୱର - ୭

ମୂଲ୍ୟ : ଟ ୩ .୫୦

NAGARIKA ADHIKARA O KARTABYA

(Citizen's Rights and Duties)

Author :

Dr. Jagannath Mohanty

First Edition : 1997

Publication No. :

SRC - 199 - 31 / 97

Copies Printed : 1000

Published by :

Dr. B. Mohanty

Director,

State Resource Centre for Adult Education

Orissa, Bhubaneswar-751 001

Printed at :

Kedar Printing Press

Bhubaneswar – 7

Price : Rs. 3.50

Digitized by srujanika@gmail.com

ଆମ ଅଧିକାର

ସଂଜ ହୋଇ ଆସିଲାଣି । ଗରଦପୁର କୋଠଘରେ ଲୋକେ ଜମି ଗଲେଣି । ଏହି କୋଠଘର ହେଉଛି ଗରଦପୁର ଜନଶିକ୍ଷା ନିଳୟ । ଦିନର କାମଦାମ ସାରି ସମସ୍ତେ ଏବେ ଏଠାକୁ ଧାଇଁଛନ୍ତି । ଗୋପାଳବାବୁ ଏଇ ଗାଁରେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ । ସେ ନିଜେ ଗାଁର ଲୋକମାନଙ୍କୁ ନାଗରିକର ଦାବି ଓ ଅଧିକାର ବିଷୟରେ ବୁଝାଉଛନ୍ତି -

ଗଣତନ୍ତ୍ର ଶାସନ ଲୋକ ପ୍ରତିନିଧିମୂଳକ ଶାସନ । ଲୋକଙ୍କ ମତ ଅନୁସାରେ ସରକାର ଗଢାଯାଏ ଆଉ ବଦଳିଥାଏ । ଲୋକମାନଙ୍କର ସବୁ ପ୍ରକାର ସୁବିଧା କରିବା ଏହି ସରକାରଙ୍କ ଲକ୍ଷ୍ୟ । ଲୋକଙ୍କ

Digitized by srujanika@gmail.com

ମଙ୍ଗଳରେ ଦେଶର ମଙ୍ଗଳ । ଗଣତନ୍ତ୍ର ଶାସନରେ ଲୋକଙ୍କର ଦାୟିତ୍ୱ ବେଶି । ପ୍ରତ୍ୟେକ ନାଗରିକ ନିଜର କର୍ତ୍ତବ୍ୟ ଓ ଅଧିକାର ଭଲ ଭାବରେ ଜାଣିବା ଉଚିତ । ତା'ହେଲେ ଦେଶର ଶାସନ ସଫଳ ହେବ ।

ଆମେ ସ୍ୱାଧୀନ ଭାରତର ନାଗରିକ । ସମସ୍ତେ ଆମେ ସମାନ । ଆମରି ଭଲ ମନ୍ଦ , ସୁଖ ସୁବିଧା ଆମ ହାତରେ । ସ୍ୱାଧୀନ ଦେଶର ନାଗରିକ ଭାବରେ ଆମକୁ କେତେକ ମୌଳିକ ଅଧିକାର ଦିଆଯାଇଛି । ଏ ମୌଳିକ ଅଧିକାର ଗୁଡିକ କ'ଣ ତାହା ଆମ ସଂବିଧାନରେ ଲେଖା ହୋଇ ରହିଛି ।

ଏହିସବୁ ମୌଳିକ ଅଧିକାର ଭୋଗ କଲାବେଳେ ଆମକୁ କେହି ବାଧା ଦେଲେ ବିଚାର ବିଭାଗ ଜରିଆରେ ଆମକୁ ସୁରକ୍ଷା ମିଳିଥାଏ । ଦୋଷୀକୁ ଦଣ୍ଡ ମିଳେ । ନାଗରିକ ମାନଙ୍କର ସବୁ ପ୍ରକାର ଉନ୍ନତି ପାଇଁ ଏସବୁ ଅଧିକାର ଖୁବ୍ ଦରକାର ।

ନାଗରିକଙ୍କୁ ମିଳୁଥିବା ସମସ୍ତ ସୁବିଧା ସୁଯୋଗ ଓ ଅଧିକାର ସାଧାରଣତଃ ଦୁଇ ରକମର । ଗୋଟିଏ ହେଲା ନୈତିକ ଅଧିକାର ଆଉ ଗୋଟିଏ ହେଲା ଆଇନଗତ ଅଧିକାର । ଯେଉଁ ଅଧିକାରଗୁଡିକ ଧର୍ମ ଓ ନୀତି ଅନୁସାରେ ନାଗରିକମାନେ ଭୋଗ କରନ୍ତି, ସେଗୁଡିକ ନୈତିକ ଅଧିକାର । ଏହାକୁ ପାଳୁ ନଥିବା ଲୋକ ବିରୁଦ୍ଧରେ କୌଣସି ଆଇନଗତ ଦଣ୍ଡ ଦିଆଯାଇ ପାରିବ ନାହିଁ । ତା'ର ଏକ ଉଦାହରଣ ହେଲା, ପିତାମାତା ବୁଢ଼ା ହେଲେ ସେମାନଙ୍କର ପିଲାମାନେ ସେମାନଙ୍କୁ ଚଳାଇବା କଥା । ନିଜ ପୁଅ ଝିଅଙ୍କଠାରୁ ଏଇସବୁ ସୁବିଧା ପାଇବା ପିତାମାତାଙ୍କର ନୈତିକ ଅଧିକାର । କିନ୍ତୁ ଏଥିରେ କେହି

Digitized by srujanika@gmail.com

ଖିଲାପ କଲେ ତା ବିରୁଦ୍ଧରେ ଆଇନତଃ କିଛି କରାଯାଇ ପାରିବ ନାହିଁ । ଅବଶ୍ୟ ଆଜିକାଲି ସେମାନଙ୍କୁ ଏ ସଂପର୍କରେ ବୁଝାଇ ଦିଆଯାଉଛି । ସେମାନଙ୍କ ଉପରେ ନୈତିକ ଚାପ ପକାଯାଉଛି ।

ଆଇନଗତ ଅଧିକାରରେ ଆଞ୍ଚ ଆସିଲେ ନାଗରିକ ଅଦାଲତର ସାହାଯ୍ୟ ନେଇଥାଏ । ଏହି ଅଧିକାରକୁ ପୁଣି ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଏ । ଏହା ହେଲା ସାମାଜିକ ଅଧିକାର ଓ ରାଜନୈତିକ ଅଧିକାର । ସାମାଜିକ ଅଧିକାର କହିଲେ ଜୀବନ ଧାରଣ, ସ୍ୱାଧୀନତା, ସମାନତା, ସଂପତ୍ତି, ଧର୍ମ, ଅର୍ଥ, ଶିକ୍ଷା, ସଂସ୍କୃତି ଓ ଭାଷା ସଂପର୍କୀୟ ଅଧିକାରକୁ ବୁଝାଇଥାଏ । ନାଗରିକ ନିରାପଦରେ ରହିବା ସଙ୍ଗେ ସଙ୍ଗେ ଅନ୍ୟ ସମସ୍ତଙ୍କ ଭଳି ନିଜର ଧନ ସଂପତ୍ତି ଉପରେ ଅଧିକାର, ଧର୍ମାଚରଣ, ଶିକ୍ଷାଲାଭ ଓ ଭାଷା ବ୍ୟବହାରରେ ସମାନ ଅଧିକାର ଲାଭ କରିଥାଏ । ଏ ସଂପର୍କରେ ଗୋଟିଏ ସୁନ୍ଦର କଥା କହୁଛି ଶୁଣ ।

ଆଜିକୁ ପାଞ୍ଚଶହ ବର୍ଷ ତଳର କଥା । ଦିଲ୍ଲୀ ରାଜସିଂହାସନରେ ବସିଥାନ୍ତି ସୁଲତାନ ଗିୟାସୁଦ୍ଦିନ୍ ବଲ୍‌ବନ୍ । ଶିକାରରେ ତାଙ୍କ ଠା ଭାରି ସଉକ । ଶିକାରକୁ ନ ଗଲେ ଉଆସ ଭିତରେ ଧନୁ ଧରି ଲାଖ ବିନ୍ଧାରେ ମାତିଥାନ୍ତି । ଉଆସଠାରୁ ଅଳ୍ପ ଦୂରରେ ଜାନକୀ ବାଈ ନାଁରେ ଜଣେ ଗରିବ ବିଧବା ଭଙ୍ଗା କୁଡିଆଟିରେ ରହୁଥାଏ । ସାଥିରେ ତାର ସାତ ବର୍ଷର ପୁଅଟିଏ । ଭିକମାଗି ସେମାନେ ଚଳନ୍ତି ।

ଦିନେ ଜାନକୀ ପୁଅଟିକୁ ଧରି ଭିକ ମାଗିବାକୁ ଯାଉଛି । ହଠାତ୍ ଗୋଟିଏ ତୀର ଆସି ପିଲାଟିର ଛାତିରେ ଗଳିଗଲା । ପୁଅଟି ସେଇଠି ଟଳି ପଡିଲା । କିଛି ବେଳ ଛଟ ପଟ ହୋଇ ଶେଷରେ ମରିଗଲା ।

Digitized by srujanika@gmail.com

ଜାନକୀ ନିଜର ଏକୋଇର ବଳା, ଅନ୍ଧର ଲଉଡିଟିକୁ ହରାଇ କାନ୍ଦବୋବାଳି ପକାଇଲା । ରାସ୍ତାରେ ଧୂଳିବାଲିରେ ଗଡ଼ିଲା । ସମସ୍ତେ ଆହା ଆହା କଲେ । କିନ୍ତୁ ତା ଦୁଃଖ ଦୂର କରିବ କିଏ ?

ମୁସଲମାନ ଶାସନ କାଳରେ କାଜିମାନେ ଅଭିଯୋଗର ବିଚାର କରୁଥିଲେ । ପୁଅକୁ ହରାଇଲାପରେ ମନକୁ ଦମ୍ଭକରି ଜାନକୀ ବାଛି କାଜିଙ୍କ ଦରବାରରେ ନିଜ ଦୁଃଖ ଜଣାଇଲା । ମଲାପିଲାଟିକୁ କାନ୍ଧରେ ପକାଇ ଜାନକୀ ହାତଯୋଡି ଗୁହାରି କଲା - ଧର୍ମାବତାର ! ଏଇ ପିଲାଟି ମୋ ଜୀବନର ସବୁ ଥିଲା । ତା'ଛଡ଼ା ଦୁନିଆରେ ମୋର ଆଉକେହି ନାହିଁ । ତା ମୁହଁକୁ ଚାହିଁ ମୁଁ ବଞ୍ଚିଥିଲି । ଏବେ ବିନା ଦୋଷରେ ତାକୁ ଯେ ମାରିଛି, ତାକୁ ଆପଣ ଦଣ୍ଡ ଦିଅନ୍ତୁ ।

Digitized by srujanika@gmail.com

କାଜି ପଚାରିଲେ- କିଏ ଏହାକୁ ମାରିଛି ? ଅପରାଧୀ କିଏ ?

ଜାନକୀ କହିଲା -ଆପଣ ଦୋଷୀକୁ ଦଣ୍ଡ ଦେବେ ବୋଲି ସତ୍ୟ କଲେ, ମୁଁ ତାର ନାଁ କହିବି ।

ବିଧବାର ମନରେ ତାଙ୍କ ନ୍ୟାୟ ବିଚାର ବିଷୟରେ ସଂଦେହ ହେଉଛି ବୋଲି କାଜି ବୁଝିଗଲେ । କହିଲେ - ଦୋଷୀର ନାଁ କହ । ମୁଁ ଅଲବତ ତାକୁ ଦଣ୍ଡ ଦେବି ।

ଜାନକୀ ଧୀର ଭାବରେ ସଫା ସଫା ବତାଇ ଦେଲା- ଆଜ୍ଞା , ଦୋଷୀ ହେଉଛନ୍ତି ନିଜେ ସୁଲତାନ ।

ସୁଲ୍‌ତାନ ? ଗିୟାସୁଦ୍ଦିନ୍ ବଲ୍‌ବନ୍ ? କାହିଁକି ସେ ଏ କାଣ୍ଡ କଲେ ? କାଜି ଚମକି ପଡ଼ି ପଚାରିଲେ ।

Digitized by srujanika@gmail.com

ଅଦାଲତରେ ଉପସ୍ଥିତ ଥିବା ବହୁଲୋକ ତଟସ୍ଥ ହୋଇଗଲେ । ସବୁରି ପାଟି ବନ୍ଦ । ଚଉଦିଗ ନୀରବ, ନିଶ୍ଚଳ । ଗରିବ ବିଧବାଟି ଅଭିଯୋଗ କରୁଛି ଦିଲ୍ଲୀର ସୁଲତାନଙ୍କ ନାଁରେ ! ଏପରି ଅବସ୍ଥାରେ କାଜି କ'ଣ କରିବେ ? ସବୁରି ମନରେ ଗୋଟିଏ ପ୍ରଶ୍ନ ।

କାଜି ତା'ପରେ ଥୟ ଧରିଲେ । ପିଆଦା ହାତରେ ନିଜେ ଦସ୍ତଖତ କରି ସୁଲତାନଙ୍କ ପାଖକୁ ଏକ ପରୱାନା ପଠାଇଲେ ।

ଅଦାଲତରେ ପୁଣି ହାଜର ହେବେ ନିଜେ ସୁଲତାନ ! ଅସମ୍ଭବ କଥା । କାଜି ତାଙ୍କ କଥା ବିଚାର କଲାବେଳକୁ ସେ ନିଶ୍ଚୟ କାଜିଙ୍କୁ ତାଙ୍କ ପଦରୁ ବରଖାସ୍ତ କରିସାରିଥିବେ । କି ଅଘଟଣ ଘଟିଯିବ ! ହଜାର ହଜାର ଲୋକ ଅଦାଲତରେ ରୁଣ୍ଡ ହେଲେଣି । ପିଆଦା ପଛେ ପଛେ ସୁଲତାନ ଅଦାଲତ ଭିତରକୁ ପଶି ଆସିଲେ । ଭୟ ଆଉ ଭକ୍ତିରେ ଲୋକେ ସଲାମ୍ କଲେ ! ସୁଲତାନ୍ ସିଧା କାଜିଙ୍କ ପାଖକୁ ଗଲେ ।

Digitized by srujanika@gmail.com

କାଜି ଗମ୍ଭୀର ସ୍ୱରରେ କହିଲେ- ଏଇ ଗରିବ ବିଧବା ଜାନକୀ ବାଈ ଅଭିଯୋଗ କରୁଛି, ଆପଣ ବିନା ଦୋଷରେ ତାର ଏକମାତ୍ର ପୁଅକୁ ତୀର ବିନ୍ଧି ମାରିଛନ୍ତି । ଏ ବିଷୟରେ ଆପଣଙ୍କର କ'ଣ କହିବାର ଅଛି, କୁହନ୍ତୁ ।

ଗିୟାସୁଦ୍ଦିନ୍ ଧୀର ସ୍ୱରରେ କହିଲେ - ମୁଁ ପ୍ରକୃତରେ ଦୋଷୀ । ମାତ୍ର ମୁଁ ପିଲାକୁ ଜାଣି କରି ମାରିନାହିଁ । ମୁଁ ନଅର ଛାତରେ ଲକ୍ଷ-ବିନ୍ଧା ଅଭ୍ୟାସ କଲାବେଳେ ତୀରଟିଏ ଖସିଯାଇ ପିଲାର ଛାତିରେ ଗଳିଗଲା । ମୁଁ ତା'ର ମୃତ୍ୟୁ ପାଇଁ ଦାୟୀ । ତେଣୁ ଯାହା ଦଣ୍ଡ ଦେବେ, ମୁଁ ମାନିନେବି ।

କାଜି ସୁଲ୍‌ତାନଙ୍କ ଉତ୍ତର ଶୁଣି ରାୟ ଦେଲେ - ସେଇ ପିଲାଟି ଛଡା ବିଧବାଟିର ଆଉ କେହି ସାହା ଭରସା ନାହାନ୍ତି । ଆପଣ ପିଲାଟିର ମୃତ୍ୟୁ ପାଇଁ ଦାୟୀ । ତେଣୁ ଆପଣ ବିଧବାଟିକୁ ତା'ର ଜୀବନ- ସାରା ଚଳିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିବାକୁ ବାଧ୍ୟ ।

ସୁଲତାନ୍ ରାୟକୁ ମୁଣ୍ଡପାତି ଗ୍ରହଣ କରିନେଲେ । କହିଲେ, ଆପଣଙ୍କ ଆଦେଶକୁ ମୁଁ ମାନିନେଲି । ଆଜି ମୁଁ ବିଧବାଟିର ଜୀବନ ସାରା ଚଳିବା ପାଇଁ ସବୁ ବନ୍ଦୋବସ୍ତ କରିଦେଉଛି ।

କାଜି ନିଜ ଆସନରୁ ଓହ୍ଲାଇ ସୁଲ୍‌ତାନ୍‌ଙ୍କ ପାଖକୁ ଗଲେ । କହିଲେ - ଜାହାଁପନା ! ଆପଣ ମୋ' ଉପରେ ବିରକ୍ତ ହୋଇଥିବେ । କିନ୍ତୁ ମୁଁ ଆଇନ ପାଖରେ ନାଚାର ।

ସୁଲ୍‌ତାନ୍ କାଜିଙ୍କୁ କୁଣ୍ଢାଇ ପକାଇ କହିଲେ -ବିରକ୍ତ ହେବାର କାରଣ କ'ଣ ? ମୁଁ ଖୁସି, ଆପଣ ନ୍ୟାୟ ବିଚାର କରିଛନ୍ତି । ତା'ନ ହେଲେ ମୋ ପ୍ରଜାଙ୍କର ଧନ ଜୀବନ ନିରାପଦ ରହିପାରିବ ନାହିଁ ।

Digitized by srujanika@gmail.com

ଅଦାଲତରେ ଠୁଳ ହୋଇଥିବା ଲୋକେ ପଥର ମୂର୍ତ୍ତି ପରି ସବୁ ଖାଲି ଦେଖୁଥିଲେ । ଅନେକଙ୍କ ଆଖିରୁ ଆନନ୍ଦରେ ଲୁହର ଧାରା ବୋହିଗଲା । ସେମାନେ କାଜିଙ୍କର ସାହସ ଓ ସୁଲ୍‌ତାନ୍‌ଙ୍କର ମହତପଣିଆକୁ ଧନ୍ୟ ଧନ୍ୟ କଲେ ।

ଗୋପାଳ ବାବୁ କହିଲେ-ଆପଣ କହି ପାରନ୍ତି -ଗଣତନ୍ତ ପରି ରାଜତନ୍ତ୍ରରେ ମଧ୍ୟ ଲୋକମାନଙ୍କର ସାମାଜିକ ଅଧିକାର ଥିଲା । କିନ୍ତୁ ତାହା ଖୁବ୍‌କମ୍ କାର୍ଯ୍ୟକାରୀ ହେଉଥିଲା । ଅଧିକାଂଶ ରାଜା ସୁଲ୍‌ତାନ୍ ଗିୟାସୁଦ୍ଦିନ୍‌ଙ୍କ ପରି ନଥିଲେ । କିନ୍ତୁ ଗଣତନ୍ତ୍ରରେ ଯିଏ କ୍ଷମତାରେ ଥାଆନ୍ତୁ ନା କାହିଁକି ନାଗରିକମାନେ ନିଶ୍ଚୟ ନିଜର ମୌଳିକ ଅଧିକାର ସବୁ ଭୋଗ କରିଥାନ୍ତି ।

ସେ ପୁଣି କହିଲେ - ସାମାଜିକ ଅଧିକାର ପରି ରାଜନୈତିକ ଅଧିକାର ନିହାତି ଦରକାର । ରାଜନୈତିକ ଅଧିକାର ମଧ୍ୟରେ ନିର୍ବାଚନରେ ଭୋଟଦେବା ଏବଂ ପ୍ରାର୍ଥୀହେବା ହେଉଛି ପ୍ରତି ନାଗରିକର ମୌଳିକ ଅଧିକାର । ଅଠର ବର୍ଷ ବୟସ ହେଲେ ଯେ କୌଣସି ନାଗରିକ ଭୋଟ ଦେଇପାରିବ ଏବଂ ପଚିଶ ବର୍ଷ ହେଲେ ନିର୍ବାଚନରେ ଠିଆ ହୋଇପାରିବ ।

ଅବଶ୍ୟ ଏସବୁ ଅଧିକାର ଉପରେ ସାଧାରଣ ହିତ ଓ ନିରାପତ୍ତା ଦୃଷ୍ଟିରୁ କେତେକ କଟକଣା ଅଛି ।

ଆମ ସଂବିଧାନରେ ଭାରତୀୟ ନାଗରିକମାନଙ୍କୁ ସାତ ପ୍ରକାର ମୌଳିକ ଅଧିକାର ଦିଆଯାଇଛି । ଏଗୁଡିକ ଆମକୁ ଅନେକ ସାମାଜିକ ଓ ରାଜନୈତିକ ସୁବିଧା ଦେଇଛି । ସେଗୁଡିକ ହେଲା -

Digitized by srujanika@gmail.com

୧। ସମାନ ଅଧିକାର । ୨। ସ୍ୱାଧୀନତାର ଅଧିକାର । ୩। ଅତ୍ୟାଚାର ବା ଶୋଷଣ ବିରୋଧୀ ଅଧିକାର । ୪। ଧର୍ମଗତ ଅଧିକାର । ୫। ସାଂସ୍କୃତିକ ଅଧିକାର । ୬। ସଂପତ୍ତିଗତ ଅଧିକାର ଓ ୭। ସମ୍ବିଧାନଗତ ଅଧିକାର ।

ଗ୍ରାମ ପଞ୍ଚାୟତ ସଂପାଦକ ମାଧବ ପଧାନ କହିଲେ - ଆପଣ ଏତେ କଥା ଏକାନିଶ୍ୱାସରେ କହିଦେଲେ । ଆମର ଏଗୁଡ଼ିକ ଜାଣିବାର କଥା । ଟିକିଏ ଆଉ ବୁଝାଇ ଦେଲେ ଭଲ ହୁଅନ୍ତା । ଏତେ ଅଡୁଆ କଥା କ'ଣ ଆମେ ଧରି ପାରୁଚୁ ?

ଗୋପାଳ ବାବୁ କହିଲେ - ଠିକ୍ କଥା । ଆପଣ ଯାହା କହିଲେ, ଭାରତର ନାଗରିକ ଭାବରେ ଆମେ ସମସ୍ତେ ଏସବୁ କଥା ଭଲ କରି ବୁଝିବା ଉଚିତ ।

ଆମର ଅଧିକାର କ'ଣ ସବୁ ଜାଣିଲେ ସିନା ଆମେ ଭଲ ନାଗରିକ ହୋଇପାରିବା । ଏବେ ମୁଁ ଗୋଟି ଗୋଟି କରି ଏହା କହୁଚି ଶୁଣନ୍ତୁ ।

ପ୍ରଥମଟି ହେଲା, ସମାନ ଅଧିକାର । ଏହା ପ୍ରତ୍ୟେକ ଭାରତୀୟ ନାଗରିକ ଲାଗି ଖୁବ୍ ମୂଲ୍ୟବାନ । ଆଇନ୍ ଦୃଷ୍ଟିରେ ସମସ୍ତେ ସମାନ । ବ୍ରାହ୍ମଣ,ଚଣ୍ଡାଳ, ଧନୀ, ଦରିଦ୍ର, ହିନ୍ଦୁ, ମୁସଲମାନ, କଳା, ଗୋରା, ସ୍ତ୍ରୀ, ପୁରୁଷ ସମସ୍ତେ ସମାନ। ସମାନ ସୁବିଧା ପାଇବାକୁ ହକଦାର । କୌଣସି ସାଧାରଣ ସ୍ଥାନ ଯଥା ଦୋକାନ, ବଜାର , ହୋଟେଲ, ସିନେମା, କୂଅ, ପୋଖରୀ ପ୍ରଭୃତି ସ୍ଥାନରେ କିଛି ସାନବଡ ବାରଣ ରହି ପାରିବ ନାହିଁ । ଏଥିରେ କେହି ବାଧା ଦେଲେ ଆମେ ଅଦାଲତର

Digitized by srujanika@gmail.com

ଆଶ୍ରୟ ନେବା । ସେ ଦୋଷୀକୁ ଦଣ୍ଡ ଦେବେ । ଅନେକ ଆଇନ କରାଯାଇ ସମାଜରୁ ସବୁ ଭେଦଭାବ, ବାଧା-ବନ୍ଧନ ଉଠାଇ ଦିଆଯାଇଛି । କିନ୍ତୁ ଆଇନର ବାଟ ବଙ୍କା । ସହଜରେ ସରେ ନାହିଁ । ସେଥିପାଇଁ ମନ ବଦଳିଲେ ଯୁଗ ବଦଳିବ । ମନ ସଫା ହେଲେ ଗଡ଼ିଆ ଗଙ୍ଗା ।

ଦ୍ୱିତୀୟଟି ହେଲା, ସ୍ୱାଧୀନତାର ଅଧିକାର । ଆମେତ ଜାଣିଛେ, ଏଥିପାଇଁ ଏତେ କଥା । ସ୍ୱାଧୀନତା ପାଇଁ କେତେ ଲୋକ ଜେଲ୍‌ଗଲେ, ଫାଶୀଖୁଣ୍ଟରେ ଚଢ଼ିଲେ । ଆମେ ସ୍ୱାଧୀନତା ପାଇଲୁ । ଏହା ଫଳରେ ପ୍ରତ୍ୟେକ ଭାରତୀୟ ସାଧାରଣତଃ ସାତ ପ୍ରକାର ସ୍ୱାଧୀନତା ଭୋଗ କରିବାର ଅଧିକାର ଲାଭକଲା । ସେଗୁଡ଼ିକ ହେଲା - ସ୍ୱାଧୀନ ଭାବରେ ମତ ପ୍ରକାଶ କରିବା; ଶାନ୍ତି ପୂର୍ଣ୍ଣ ଭାବରେ ଏକାଠି ହେବା; ସଂଘ, ସମିତି ଗଢ଼ିବା; ବିନା ବାଧାରେ ଭାରତ ସାରା ଯାତାୟାତ କରିବା; ଦେଶର ଯେ କୌଣସି ଠାରେ ସ୍ଥାୟୀ ଭାବରେ ବସବାସ କରିବା; ଭୂସଂପତ୍ତି ଭୋଗ- ଦଖଲ ବିକ୍ରି-ଖର୍ଦ୍ଦି କରିବା; ଆଉ ପେଟ ପୋଷିବା ପାଇଁ ଯେ କୌଣସି ବୃତ୍ତି ଗ୍ରହଣ କରିବା । ଗଣତନ୍ତ୍ରର ସଫଳତା ପାଇଁ ଏଇସବୁ ସୁବିଧା ସୁଯୋଗ ଖୁବ୍ ଦରକାର । ଅବଶ୍ୟ ଦେଶର ଶାନ୍ତି-ଶୃଙ୍ଖଳା ଦୃଷ୍ଟିରୁ ଏଇସବୁ ଅଧିକାର ଉପରେ ସରକାର କେତେକ କଟକଣା ଜାରି କରିଥାନ୍ତି । ସୀମା ଭିତରେ ଥିଲେ ସବୁ ଠିକ୍ ।

ତୃତୀୟ ଅଧିକାର ହେଲା ଶୋଷଣ ବିରୋଧୀ ଅଧିକାର । କୌଣସି ଭାରତୀୟ ଯେମିତି ଅତ୍ୟାଚାରିତ ନ ହୁଏ, ଆଉ ଅନ୍ୟ ଦ୍ୱାରା ଶୋଷିତ ନ ହୁଏ, ସେଥିପାଇଁ ଏଇ ଅଧିକାର ଦିଆଯାଇଛି । ଆମ ସମାଜରେ ବହୁ କାଳରୁ ଅନେକ ପ୍ରକାର ଖରାପ ପ୍ରଥା ଆଉ

Digitized by srujanika@gmail.com

କୁସଂସ୍କାର ଚଳିଆସୁଛି । ସେଥିରେ ଅନେକ ଲୋକ ହଇରାଣ ହରକତ ଓ ଖର୍ଚ୍ଚାନ୍ତ ହେଉଥିଲେ । ସେଥିପାଇଁ ରାଜରାଜୁଡା ଶାସନ, ବେଠି-ବେଗାରି, ଜମିଦାରି, ମହାଜନୀ, ଗୋତି ଆଦି ପ୍ରଥା ଉଠାଇ ଦିଆଯାଇଛି । କୌଣସି ସ୍ତ୍ରୀ, ପୁରୁଷ ବା ପିଲାଙ୍କୁ କେହି ଜୋର୍ ଜବରଦସ୍ତି ଖଟାଇ ପାରିବେ ନାହିଁ । ଏମିତିକି କଳକାରଖାନା ଆଉ ଖଣି ଖାଦାନରେ ୧୪ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କାମରେ ଲଗାଇବା ଅପରାଧ ବୋଲି ଧରାଯାଇଛି । ତୁମେ ଜାଣି ପାରୁଥିବ, ଆମ ଗାଁ ଗଣ୍ଡାରେ ସହରରେ ଏବେ ମଧ୍ୟ ଏମିତି କିଛି ଚାଲିଛି । ଆମେ ଏହାର ବିରୋଧ କରିବା ଦରକାର ।

ଚତୁର୍ଥରେ ହେଲା, ନିଜ ନିଜ ଧର୍ମ ପାଳନ କରିବାର ସ୍ୱାଧୀନତା । ଏଇ ଅଧିକାର ଆଗରୁ କହିଥିବା ଦ୍ୱିତୀୟ ଶ୍ରେଣୀର ଅଧିକାର ଭିତରେ ଯାଇଥାନ୍ତା । କିନ୍ତୁ ଆମ ଦେଶରେ ବହୁ ଧର୍ମ ଥିବାରୁ ଏବଂ ଏହି ଧର୍ମ ଯୋଗୁଁ ଆଗେ ବହୁ ବାଦ-ବିବାଦ, କଳିତକରାଳ ଘଟିଥିବାରୁ ଏହାକୁ ସଂବିଧାନରେ ଏକ ଅଲଗା ସ୍ଥାନ ଦିଆଯାଇଛି । ଯେ କୌଣସି ଭାରତୀୟ ନାଗରିକ ନିଜ ଇଚ୍ଛାରେ ଯେ କୌଣସି ଧର୍ମଗ୍ରହଣ କରିପାରିବ । ବିନା ବାଧାରେ ନିଜ ଧର୍ମ ପାଳନ ଓ ପ୍ରଚାର ମଧ୍ୟ କରି ପାରିବ । କିନ୍ତୁ କାହାକୁ ଏଥିପାଇଁ ବାଧ୍ୟ କରାଯାଇ ପାରିବ ନାହିଁ । ଏମିତିକି ସରକାରୀ ବା ବେସରକାରୀ ସାହାଯ୍ୟ ପାଉଥିବା ଶିକ୍ଷାନୁଷ୍ଠାନଗୁଡିକରେ କୌଣସି ନିର୍ଦ୍ଦିଷ୍ଟ ଧର୍ମନୀତି ପ୍ରଚାର କରାଯାଇ ପାରିବ ନାହିଁ । ଆମ ଦେଶକୁ ସେଥିପାଇଁ ଧର୍ମ ନିରପେକ୍ଷ ରାଷ୍ଟ୍ର

Digitized by srujanika@gmail.com

କୁହାଯାଇଛି । ବାପୁଜୀଙ୍କ ପ୍ରିୟ ଭଜନ "ରଘୁପତି ରାଘବ ରାଜାରାମ, ପତିତ ପାବନ ସୀତା ରାମ । ଈଶ୍ୱର ଆଲ୍ଲା ତେରେ ନାମ, ସବ୍‌କୋ ସନ୍‌ମତି ଦେ ଭଗବାନ" - ଏଠାରେ ଆମେ ମନେ ପକାଇବା ଉଚିତ ।

ପଞ୍ଚମରେ ହେଲା, ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର । ଆମ ଭାରତ ବର୍ଷରେ ବହୁ ଭାଷା - ଗୋଷ୍ଠୀର ଲୋକେ ଅଛନ୍ତି । କେତେକଙ୍କ ସଂଖ୍ୟା କମ୍ । ଫଳରେ ସେମାନଙ୍କୁ ସ୍ୱତନ୍ତ୍ର ସୁବିଧା ସୁଯୋଗ ନ ଦେଲେ ତାଙ୍କ ଉନ୍ନତି ବାଧା ପାଇବ । ପ୍ରତ୍ୟେକ ସଂପ୍ରଦାୟ ନିଜକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ନିଜର ଉନ୍ନତି ପାଇଁ ଅଲଗା ଅଲଗା ଶିକ୍ଷାନୁଷ୍ଠାନ ପ୍ରଭୃତି ବସାଇ ପାରିବେ । ବହୁ ବିଭେଦ ମଧ୍ୟରେ ଏକତା, ଏହାହିଁ ହେଉଛି ଆମ ଭାରତୀୟ ସଂସ୍କୃତିର ବିଶେଷତ୍ୱ ।

ତା'ପରେ ସଂପତ୍ତିଗତ ଅଧିକାର । ଜମିବାଡ଼ି ଆଉ ଘରଦ୍ୱାର ସବୁରି ଖୁବ ଆପଣାର । ଏହି ଭୂମି ପାଇଁ ମହାଭାରତ ଯୁଦ୍ଧ ଘଟିଥିଲା । ଆଉ ଏବେ ମଧ୍ୟ ଏଥିପାଇଁ ସାନ ବଡ଼ ଆକାରର କଳିତକରାଳ ଲାଗିରହିଛି । ଭାଇ ଭଗାରି ହେଉଛି । ତେଣୁ ପ୍ରତ୍ୟେକ ଭାରତୀୟ ନିଜର ଜମିବାଡ଼ି ଭୋଗ ଦଖଲ କିଣା ବିକା କରିବାରେ ପୂରା ସ୍ୱାଧୀନ । ଅବଶ୍ୟ ସରକାର ଚାହିଁଲେ ସର୍ବ ସାଧାରଣ ହିତ ଓ ଆବଶ୍ୟକତା ବିବେଚନାରେ ଉପଯୁକ୍ତ କ୍ଷତି ପୂରଣ ଦେଇ ଯେକୌଣସି ଲୋକର ସଂପତ୍ତି ଦଖଲ କରିପାରିବେ । କିନ୍ତୁ ସେଥିପାଇଁ ଦରକାରୀ ଆଇନ୍ ତିଆରି କରିବା ଦରକାର । ଆମ ଦେଶରେ ହଜାର ହଜାର ଜମିଦାର ଏବଂ ଶହ ଶହ ରାଜା ମହାରାଜା ଥିଲେ । ସେମାନଙ୍କଠାରୁ ସବୁ ସ୍ୱତନ୍ତ୍ର ସୁବିଧା

Digitized by srujanika@gmail.com

ସୁଯୋଗ ଛଡ଼ାଇ ନିଆଗଲା । ସେମାନେ ଏବେ ଆମ ସହିତ ସମାନ ଆସନରେ ବସୁଛନ୍ତି । ଆଗେ କିନ୍ତୁ ସେମାନଙ୍କ ପ୍ରତାପରେ ଗର୍ଭିଣୀ ଗାଈ ବାଟ ଛାଡ଼ି ଦେଉଥିଲା । ସେମାନଙ୍କ ଆଗରେ ଛତା ଖୋଲି ଚାଲି ଯିବା ସମ୍ଭବ ହେଉ ନଥିଲା । ଏସବୁ ଶୁଣିଲେ ମନେପଡେ - କି ଥିଲା ଏ ରାଜ୍ୟ, କି ହୋଇଛି ଆଜ !

ଶେଷରେ ଆସିଲା ସବୁ କଥାର ମଞ୍ଜି, ସାମ୍ବିଧାନିକ ପ୍ରତିକାର । ଆମର ଏହି ସବୁ ଅଧିକାରରେ କେହି ଆଞ୍ଚ ଆଣିଲେ ଯଦି ଆମର ଆପତ୍ତି କରିବାର ଯୁ ନଥାନ୍ତା, ତେବେ ସେ ସବୁ ବୃଥା ଆଉ ଅସାର ହୁଅନ୍ତା । ସବୁ ତୋ'ର ଅଥଚ କେଉଁଥିରେ ହାତ ଦେ'ନା, ଏମିତି ଦୁର୍ଯୋଗ ଘଟିଥାନ୍ତା । ତେଣୁ ଆମ ଅଧିକାର ଉପରେ ଯେ କୌଣସି ଲୋକ ଏମିତି କି ସରକାର ମଧ୍ୟ ହସ୍ତକ୍ଷେପ କଲେ, ଆମେ ଉଚ୍ଚ ଅଦାଲତରେ ନ୍ୟାୟ ମାଗିପାରିବା ।

ଗୋପାଳ ବାବୁ କହିଲେ - ଏବେ ମୁଁ ରାମାୟଣରୁ ଗୋଟିଏ କଥା କହିବି । ସେଥିରୁ ଆପଣମାନେ ଜାଣି ପାରିବେ, ରାମ ରାଜ୍ୟରେ ମଧ୍ୟ କିପରି ଓଜର ଆପତ୍ତି ହେଉଥିଲା । ସେସବୁ ବୁଝିବା ପାଇଁ ରାଜା ରାମଚନ୍ଦ୍ର କେତେ ବ୍ୟସ୍ତ ହେଉଥିଲେ । ସର୍ବସାଧାରଣଙ୍କ ହିତ କାମରେ ରହିଲେ କେତେ ସାବଧାନ ହେବା ଉଚିତ, ତାହା ଏଥିରୁ ଜଣାପଡ଼େ ।

Digitized by srujanika@gmail.com

ଥରେ ରାମଚନ୍ଦ୍ର ଭାବିଲେ ତାଙ୍କ ରାଜ୍ୟରେ ତ ସମସ୍ତେ ସୁଖଶାନ୍ତିରେ ଅଛନ୍ତି । କାହାର କିଛି ହାରି ଗୁହାରି ନାହିଁ । ତେବେ ଲକ୍ଷ୍ମଣଙ୍କୁ ଡାକି କହିଲେ - ତୁମେ ଆମ ରାଜ୍ୟ ଭିତରେ ବୁଲି ଦେଖ, କେଉଁଠି କାହାର କିଛି ଆପତ୍ତି ଅଭିଯୋଗ ରହିଛି କି ?

ଲକ୍ଷ୍ମଣ ରଥରେ ବସି ରାଜ୍ୟସାରା ବୁଲି ଆସିଲେ । ଦେଖିଲେ, ସବୁ ଠିକ୍ ବାଟରେ ଚାଲିଛି । ପ୍ରତ୍ୟେକ ଲୋକ ନିଜର କାମ ଠିକ୍ ରୂପେ କରୁଛନ୍ତି । ଠିକ୍ ସମୟରେ ବର୍ଷା ହେଉଛି । ଭଲ ଭାବରେ ପବନ ବହୁଛି । ରୋଗ ଶୋକ ବି ନାହିଁ । ପ୍ରଜାମାନେ ସୁଖ ଶାନ୍ତିରେ ଅଛନ୍ତି ।

ସେଇକଥା ସେ ରାମଚନ୍ଦ୍ରଙ୍କୁ ଜଣାଇଲେ । ରାମଚନ୍ଦ୍ର କହିଲେ - ଲକ୍ଷ୍ମଣ, ମୋର କାହିଁକି ସନ୍ଦେହ ହେଉଛି, ଭିତରେ କାହାର ଅଶାନ୍ତି ଅସନ୍ତୋଷ ରହୁଛି । ତୁମେ ଆଉ ଥରେ ଯାଇ ଭଲ କରି ବୁଝ ।

Digitized by srujanika@gmail.com

ଲକ୍ଷ୍ମଣ ଯାଇ ଦେଖିଲେ, କେଉଁଠି କିଛି ଅସୁବିଧା ନାହିଁ । କେବଳ ଗୋଟିଏ କୁକୁର ବିକଳ ହୋଇ ଭୁକୁଛି । ଲକ୍ଷ୍ମଣ ତାଙ୍କୁ ପଚାରିଲେ - ତୁ କାହିଁକି ଏମିତି ଭୁକୁଚୁ ? ମୋ ସହିତ ଆ' ରାଜାଙ୍କୁ ତୋ' ଦୁଃଖ ଜଣାଇବୁ ।

କୁକୁର କହିଲା - ମୁଁ ତ ଅଛୁଆଁ ପଶୁ, ଦରବାର ଭିତରକୁ କିମିତି ଯିବି ? ଆପଣ ମହାରାଜାଙ୍କୁ ପଚାରି ଆସନ୍ତୁ । ସେ ଅନୁମତି ଦେଲେ, ମୁଁ ଯିବି ।

Digitized by srujanika@gmail.com

ଲକ୍ଷ୍ମଣ ରାମଚନ୍ଦ୍ରଙ୍କୁ ସବୁକଥା କହିବାରୁ ସେ କହିଲେ - ସାନବଡ, ଛୁଆଁ ଅଛୁଆଁ ସବୁରି ପାଇଁ ରାଜଦରବାର ଖୋଲା । ତାକୁ ଡାକି ଆଣ ।

କୁକୁର ଦରବାରକୁ ଆସିବାରୁ ରାମଚନ୍ଦ୍ର ପଚାରିଲେ - ତୁମ ଦୁଃଖର କାରଣ କ'ଣ ? ତୁମେ କାହିଁକି ଏତେ ଭୁକୁଚ ?

କୁକୁର ଉତ୍ତର ଦେଲା - ମଣିମା, ଜଣେ ବ୍ରାହ୍ମଣ ମୋତେ ବିନା ଦୋଷରେ ମାଡ଼ ମାରିଛି । ଏହାର ବିଚାର କରନ୍ତୁ ।

ରାମଚନ୍ଦ୍ର ଦୂତ ପଠାଇ ବ୍ରାହ୍ମଣଙ୍କୁ ଡକାଇଲେ । ତାଙ୍କୁ ପଚାରିଲେ- ଆପଣ ବିନା ଦୋଷରେ କୁକୁରଟିକୁ ମାଡ଼ ଦେଲେ କାହିଁକି ?

ବ୍ରାହ୍ମଣ ଉତ୍ତର ଦେଲେ - ମହାରାଜ, ମୁଁ ଗୋଟିଏ ଗାଁରୁ ଫେରୁଥିଲି । ଭୋକରେ ମୋ ପେଟ ଜଳୁଥିଲା । କୁକୁରଟି ବାଟରେ ଶୋଇଥିବାରୁ ମୁଁ ରାଗରେ ତାକୁ ପାହାରେ ପିଟିଦେଲି । ମୋର ଭୁଲ୍ ହୋଇଛି, ଯାହା ଦଣ୍ଡ ଦେବେ , ଭୋଗିବି ।

ଏଇ ଦୋଷ ପାଇଁ କି ଦଣ୍ଡ ଦିଆଯିବ ବିଚାର କରିବା ପୂର୍ବରୁ କୁକୁର କହିଲା - ମଣିମା, ଏଇ ବ୍ରାହ୍ମଣକୁ କି ଦଣ୍ଡ ଦିଆଯିବା ଉଚିତ, ଆପଣ ହୁକୁମ ଦେଲେ ମୁଁ କହନ୍ତି ।

ରାମଚନ୍ଦ୍ର ଅନୁମତି ଦେବାରୁ କୁକୁର ଜଣାଇଲା - କୌଣସି ସର୍ବ ସାଧାରଣ ସଂପତ୍ତି ରକ୍ଷଣାବେକ୍ଷଣ ଭାର ତାଙ୍କୁ ଦିଆଯାଉ ।

ରାମଚନ୍ଦ୍ର ବ୍ରାହ୍ମଣଙ୍କୁ ପଚାରିଲେ - ଆପଣ ଏଥିପାଇଁ ରାଜି ?

ବ୍ରାହ୍ମଣ ଆନନ୍ଦରେ ଏଥିରେ ରାଜି ହୋଇଗଲେ । ମନ୍ତ୍ରୀ ଏକଥା ବୁଝି ନ ପାରି ପଚାରିଲେ - ଆଜ୍ଞା , ଏଇ ଦଣ୍ଡ ତ ପୁରସ୍କାର ପରି ଲାଗୁଛି । ଏଇଟା କି ପ୍ରକାର ଶାସ୍ତି ?

Digitized by srujanika@gmail.com

ରାମଚନ୍ଦ୍ର କିଛି ନ କହି କୁକୁରକୁ ଚାହିଁବାରୁ ସେ ବୁଝାଇଲା - ମୁଁ ଆଗ ଜନ୍ମରେ ମଣିଷ ଥିଲି । ଏକ ସର୍ବ ସାଧାରଣ ସଂପତ୍ତି ବୁଝାସୁଝା କରୁଥିଲି । ସେଇ ସଂପତ୍ତିରୁ କିଛି ମୋ ସ୍ୱାର୍ଥରେ ଲାଗିଗଲା । ତେଣୁ ମୋର ଏଇ କୁକୁର ଜନ୍ମହେଲା । ଏଇ ବ୍ରାହ୍ମଣ ତ ଏତେ ରାଗୀ । ସାଧାରଣ କାର୍ଯ୍ୟ ବୁଝିବା ଦାୟିତ୍ୱ ତାକୁ ଦେଲେ, ନିଶ୍ଚୟ ସେ ବହୁ ଅକର୍ମ କରି ବସିବ । ତା'ର ଫଳ କ'ଣ ହେବ, ଆପଣ ବୁଝନ୍ତୁ ।

ଏହା କହି କୁକୁରଟି ଦରବାରରୁ ବିଦାୟ ନେଲା ।

ସମସ୍ତେ ଏଇ ଘଟଣା ଶୁଣି ଆନନ୍ଦିତ ହେଲେ । ଗୋପାଳ ବାବୁ କହିଲେ - ଆପଣମାନେ ମଧ୍ୟ ଏଥିରୁ ଶିକ୍ଷା ପାଇବେ । ଯେତେ ସୁଖରେ ରହିଲେ ବି ଲୋକଙ୍କର ଅଭାବ ଦୂର ହେବ ନାହିଁ । ସାଧାରଣ କାର୍ଯ୍ୟରୁ ନିଜର ଫାଇଦା ଉଠାଇବା ବଡ ଦୋଷ । ଏହା ଦ୍ୱାରା ଆମେ କର୍ତ୍ତବ୍ୟରେ ହେଳା କରି ବସୁଁ ।

ଲୋକମାନେ କହିଲେ - ଆଜି ଆମେ ଆପଣଙ୍କ ଠାରୁ କେତେ ମୂଲ୍ୟବାନ୍ କଥା ଜାଣିପାରିଲୁ । ଆପଣ ଆମ ଆଖି ଖୋଲି ଦେଲେ ।

*

Digitized by srujanika@gmail.com

ଆମ କର୍ତ୍ତବ୍ୟ

ତା' ଆରଦିନ ସେଇ ସଞ୍ଜବେଳ । କୋଠଘର ଭିତରେ ଲୋକମାନେ ଜମା ହେଲେଣି । ସବୁରି ମନରେ ଗୋଟିଏ ଆଶା । ନୂଆ ନୂଆ କଥା ସେମାନେ ଶିଖିବେ । ଗୋଟିଏ ବିଚାର । ସ୍ୱାଧୀନ ଦେଶର ସୁନାଗରିକ ହେବେ । ଗୋପାଳ ବାବୁ ଆସିବାରେ ବିଳମ୍ବ ହେବାରୁ ରାମୁ ବଳିଆକୁ କହିଲା - ଭାଇ, ଗୋପାଳବାବୁଙ୍କ କଥା କେତେ ଭଲ । କେତେ ଦରକାରୀ । ଆମର ସେସବୁ ଜାଣିବା କଥା । ଆମେ ଆସି ଦରବୁଢ଼ା ହେଲେଣି । ଏସବୁ ଭଲ ଭାବରେ ଜାଣି ନ ଥିଲୁ ।

ବଳିଆ କହିଲା- ଆରେ ଭାଇ, ଜମା ଜାଣି ନଥିବାଠାରୁ ବିଳମ୍ବରେ ଜାଣିବା ଭଲ । ସବୁତ ଗାଁ ଗଣ୍ଡାରେ ରହିଲେ । ଦେଶର ଏତେ କଥା ଆମ କାନରେ ପଡୁଛି କେଉଁଠି ? ପୁଣି ଗୋପାଳବାବୁଙ୍କ କଥା ପୁରାଣ ଶୁଣିଲା ପରି ଲାଗେ । କଥା କେତେ ମଉଜିଆ ଢଙ୍ଗରେ ସେ କହନ୍ତି । ଶୁଣୁଥିଲେ ମନ ଛାଡ଼େ ନାହିଁ । ଜାଣୁଥିଲେ ମନ ବୋଧ ହୁଏ ନାହିଁ ।

ଗୋପାଳବାବୁ ଆସି ପହଞ୍ଚିଲେ । ସମସ୍ତେ ଦୂରରୁ ଦେଖି ଗୁରୁଜୀ ଆସିଲେଣି ବୋଲି ପାଟି କରି ଉଠିଲେ । ଆଜି ଆସିବାରେ ମୋର ବିଳମ୍ବ ହୋଇଗଲା -କହି ଗୋପାଳବାବୁ ଘର ଭିତରକୁ ପଶି ଆସିଲେ । କହିଲେ - ଆଜି ତୁମେ ଆଉ ଏକ କଥା ଶୁଣ ।

Digitized by srujanika@gmail.com

ମହାଭାରତର କଥା । ପଶା ଖେଳରେ ହାରିଯାଇ ବନବାସରେ ଥା'ନ୍ତି ପାଣ୍ଡବ ପାଞ୍ଚ ଭାଇ, ଆଉ ସ୍ତ୍ରୀ ଦ୍ରୌପଦୀ । ଥରେ ସେମାନେ ସୁଦେବ ବୋଲି ଗୋଟିଏ ପାହାଡ଼ ଉପରେ ଥାଆନ୍ତି । ପାହାଡ଼ ପାଖ ହ୍ରଦରେ କାଚକେନ୍ଦୁ ଭଳି ପାଣି ଭରପୂର । ଭୀମଙ୍କର ମନ ଭାରି ଖୁସି । ନିଜେ ମନଇଛା ପାଣି ପିଇ ଅନ୍ୟମାନଙ୍କ ପାଇଁ ନେବାକୁ ଠିକ୍ କଲେ ।

ଏତିକି ବେଳେ ହ୍ରଦ କୂଳରେ ବସିଥିବା ଏକ ବଡ଼ ଧଳାବଗ ଭୀମଙ୍କୁ ଡାକି କହିଲା - ହେ ବାବୁ ! ଆଗେ ମୋ କଥାର ଉତ୍ତର ଦିଅ । ପଛରେ ତୁମେ ଯେତେ ଇଚ୍ଛା ପାଣି ପିଇବ । ମୋ କଥା ନ ମାନି ପାଣି ପିଇଲେ , ଆଖି ଫୁଟିଯିବ, ପ୍ରାଣ ଛାଡ଼ି ଯିବ ।

Digitized by srujanika@gmail.com

ଭୀମ କି ଛାର ବଗଟାକୁ ପାସଙ୍ଗରେ ପକାଉଛନ୍ତି ? ତା' କଥା ନ ମାନି ଯେମିତି ହ୍ରଦରୁ ପାଣି ପିଇ ଦେଇଛନ୍ତି, ସଙ୍ଗେ ସଙ୍ଗେ ସେଇଠି ସେ ଟଳି ପଡ଼ିଲେ ।

ଭୀମ ଫେରିବାର ଡେରି ହେବାରୁ ଯୁଧିଷ୍ଠିର ଅର୍ଜୁନଙ୍କୁ ପଠାଇଲେ । ଅର୍ଜୁନ ବଗ ପାଖରେ ପହଞ୍ଚିଲେ । ବଗ ପୁଣି କହିଲା -

ଆଗ ମୋ କଥାର ଉତ୍ତର ଦିଅ । ପଛରେ ତୁମେ ମନଇଛା ଯେତେ ପାଣି ପିଅ । ମୋ କଥା ନମାନି ପାଣି ପିଇଲେ ତୁମ ଆଖି ଫୁଟି ଯିବ, ପ୍ରାଣ ଛାଡ଼ିଯିବ ।

Digitized by srujanika@gmail.com

ଅର୍ଜୁନ ବଗ କଥାକୁ ଖାତିର ନକରି ବିକଳରେ ପାଣି ପିଉ ପିଉ ତାଙ୍କ ପ୍ରାଣ ଛାଡ଼ିଗଲା । ଅର୍ଜୁନ ନ ଫେରିବାରୁ ଯୁଧିଷ୍ଠିର ନକୁଳ ଆଉ ତା'ପରେ ସହଦେବଙ୍କୁ ପଠାଇଲେ । ସବୁରି ସମାନ ଦଶା ହେଲା । ଯୁଧିଷ୍ଠିର ବଡ଼ ବ୍ୟସ୍ତ ହୋଇ ପଡ଼ିଲେ । ଶୋଷରେ ତାଙ୍କର ଆଉ ଦ୍ରୌପଦୀଙ୍କ ତଣ୍ଟି ଶୁଖି ଯାଉଥିଲା ।

ଶେଷରେ ଯୁଧିଷ୍ଠିର ଖୋଜି ଖୋଜି ସେଇ ହ୍ରଦ କୂଳରେ ଆସି ପହଞ୍ଚିଲେ । ଚାରିଭାଇ ଯାକ ମରି ପଡ଼ି ଥିବାର ଦେଖି ଖୁବ୍ କାନ୍ଦିଲେ । ଏତିକିବେଳେ ବଗ ଡାକି କହିଲା- ହେ ଧର୍ମରାଜ, ତୁମ ଭାଇମାନେ ମୋ କଥା ନମାନି ଏଠାରୁ ପାଣି ପିଇ ମଲେ । ଏବେ ଆଉ ତାଙ୍କ ପାଇଁ ଶୋଚନା କର ନାହିଁ । ମୁଁ ତୁମକୁ ଚାରୋଟି ପ୍ରଶ୍ନ ପଚାରୁଛି । ଠିକ୍ ଉତ୍ତର ଦେଲେ ହ୍ରଦରୁ ମନଇଛା ପାଣି ପିଇ ପାରିବ ।

Digitized by srujanika@gmail.com

ଯୁଧିଷ୍ଠିର କହିଲେ - ହେଉ, ତୁମର କି ପ୍ରଶ୍ନ, ପଚାର ।

ବଗ କହିଲା- ଏକ ହେଲା, ବାର୍ତ୍ତା କ'ଣ ? ଦୁଇ ହେଲା, ଦୁନିଆରେ ସବୁଠୁଁ ଭଲ ବାଟ କ'ଣ ? ତିନିରେ ସବୁଠୁଁ ଆଶ୍ଚର୍ଯ୍ୟ କଥା କ'ଣ ? ଚାରିରେ ସବୁଠୁଁ ସୁଖୀ କିଏ ?

ଯଧିଷ୍ଠିର ଉତ୍ତର ଦେଲେ - ଦିନ, ମାସ, ବର୍ଷ ହୋଇ ସମୟର ସୁଅ ବହିଯାଉଛି । ଏହି ମାୟାବୀ ସଂସାରରେ ମରଣ ସଭିଙ୍କୁ ଜଗି ବସିଛି, ଏହା ହେଉଛି ବାର୍ତ୍ତା । ମଣିଷ ନିଶ୍ଚୟ ମରିବ, ଏ କଥା ଜାଣିବି ନ ଜାଣିଲା ପରି କାମ କରେ । ଏହା ସବୁଠୁଁ ଆଶ୍ଚର୍ଯ୍ୟଜନକ କଥା । ମହତ ଲୋକ ଯେଉଁବାଟରେ ଯା'ନ୍ତି, ସେଇବାଟ ହେଲା ସବୁଠୁଁ ଭଲ । ଯେଉଁ ଲୋକ କେବେ ଋଣ କରେ ନାହିଁ , ଯାହା ପାଏ, ସେତିକିରେ ଚଳେ, ସେ ସବୁଠୁଁ ସୁଖୀ ।

ବଗ ଏହା ଶୁଣି ଭାରି ଖୁସି ହୋଇଗଲା । ସେ କହିଲା - ହେ ମହାତ୍ମା, ଏଥର ତୁମେ ହ୍ରଦରୁ ପାଣି ପିଇ ପାର ।

କିନ୍ତୁ ଯୁଧିଷ୍ଠିର କହିଲେ - ମୋର ଭାଇମାନେ ମରି ପଡ଼ିଛନ୍ତି, ମୁଁ ଏକା କିମିତି ପାଣି ପିଇ ବଞ୍ଚିବି ?

ବଗ କହିଲା - ତେବେ ତୁମର କିଏ ଅତି ଆତ୍ମୀୟ କୁହ , ମୁଁ ତାଙ୍କୁ ବଂଚାଇ ଦେବି ।

ଯୁଧିଷ୍ଠିର କହିଲେ - ମୋର ତ ସମସ୍ତେ ଆପଣାର । ଭୀମ ଓ ଅର୍ଜୁନ ଏକା ମାଆ ପେଟର ଭାଇ ଯେମିତି; ନକୁଳ ଓ ସହଦେବ ସାବତ ଭାଇ ହୋଇ ମଧ୍ୟ ସେମିତି ।

Digitized by srujanika@gmail.com

ବଗ ଏବେ ନିଜର ପ୍ରକୃତ ରୂପ ଧରି ଠିଆ ହେଲା ।

ଯୁଧିଷ୍ଠିର ଦେଖିଲେ - ନିଜେ ଧର୍ମ ଦେବତା ତାଙ୍କ ଆଗରେ ଠିଆ ହୋଇଛନ୍ତି । ସେ ପ୍ରଣାମ ଜଣାଇଲେ । ଧର୍ମ ଦେବତା କହିଲେ - ଯୁଧିଷ୍ଠିର ! ତୁମେ ମଣିଷ ହୋଇ ବି ଦେବତା । ତୁମେ କେବଳ ଜ୍ଞାନୀ ନୁହଁ, ଧାର୍ମିକ ମଧ୍ୟ । ତୁମ ଧର୍ମ ବଳ ଯୋଗୁ ମୁଁ ଏବେ ତୁମ ଭାଇମାନଙ୍କୁ ବଂଚାଇ ଦେଉଛି । ତୁମେ ସେମାନଙ୍କୁ ସାଙ୍ଗରେ ନେଇ ଆନନ୍ଦରେ ଫେରିଯାଅ ।

ଗୋପାଳ ବାବୁ କହିଲେ - ଆମେ ଜ୍ଞାନ ସଙ୍ଗେ ଧର୍ମ ଅର୍ଜନ କରିବା ଉଚିତ । ଏବେ ଆମେ ଯେଉଁ କଥା ଅଧା କରିଥିଲେ, ସେଇଟୁ ଆଲୋଚନା ଆରମ୍ଭ କରିବା । ନାଗରିକ ଭାବେ ଆମର କି କି ଅଧିକାର ରହିଛି, ଜାଣିଥିଲେ । ଏବେ ଆମର କି କର୍ତ୍ତବ୍ୟ ଓ କି ଦାୟିତ୍ୱ ରହିଛି, ଆଲୋଚନା କରିବା ।ପ୍ରତ୍ୟେକ ମଣିଷକୁ ତା'ର ସୁବିଧା ପାଇଁ ଯେମିତି

Digitized by srujanika@gmail.com

କେତେଗୁଡିଏ ଅଧିକାର ଦିଆଯାଇଛି , ତା'ବଦଳରେ ତାଠାରୁ ସେମିତି କେତେକ କାମ ଆଶା କରାଯାଉଛି । ସେଗୁଡିକୁ ଦାୟିତ୍ୱ ବା କର୍ତ୍ତବ୍ୟ କୁହାଯାଏ ।

ନାଗରିକ ଯେପରି ନିଜ ଅଧିକାର ସମାଜଠାରୁ ଦାବି କରେ ସମାଜ ମଧ ନାଗରିକଠାରୁ ତାର ଦାୟିତ୍ୱ ପାଳନ ଆଶାକରେ । ତେଣୁ ଅଧିକାର ଜଣକର ପ୍ରାପ୍ୟ ହେଲେ, ଅନ୍ୟ ଜଣକର ଦେୟ । ଅଧିକାର ବଳରେ ମଣିଷର ଉନ୍ନତି ଘଟିଲା ପରି କର୍ତ୍ତବ୍ୟ ବଳରେ ସମାଜର ବିକାଶ ଘଟିଥାଏ ।

ଗୋପାଳ ବାବୁ ପଚାରିଲେ - ଏଥର ଆପଣମାନେ କହିଲେ କେଉଁଟି ବଡ଼ ? ଅଧିକାର ନା କର୍ତ୍ତବ୍ୟ ?

ରାମୁ କହିଲା - ଆଉ ପଚାରିବାକୁ ଅଛି ? ଅଧିକାର ଠାରୁ କର୍ତ୍ତବ୍ୟ ନିଶ୍ଚୟ ବଡ଼ । ଦାନ ନେବାଠାରୁ ଦାନ ଦେବା ଅବଶ୍ୟ ମହତ କାମ ।

ଆପଣ ଦାନ କଥା କହିବାରୁ ମୋର ଗୋଟିଏ କାହାଣୀ ମନେ ପଡୁଛି, ଏଠାରେ କହିଦେଲେ ଭଲ - ଗୋପାଳ ବାବୁ କହିଲେ ।

ଉପନିଷଦରେ ଏ କାହାଣୀଟି ଅଛି । ଥରେ ଦେବତା, ଅସୁର ଓ ମନୁଷ୍ୟ ବ୍ରହ୍ମାଙ୍କ ପାଖରେ ପାଠ ପଢ଼ିବାକୁ ଗଲେ । କିଛି ଦିନ ପାଠ ପଢ଼ିଲା ପରେ ପାଠ ସାରି ସେମାନେ ବିଦାୟ ନେବାକୁ ବାହାରିଲେ । ସେମାନେ ବ୍ରହ୍ମାଙ୍କୁ ଏତେବେଳେ କିଛି ଉପଦେଶ ଦେବାକୁ ଅନୁରୋଧ କଲେ । ବ୍ରହ୍ମା ସମସ୍ତଙ୍କୁ ତାଙ୍କ ଉପଦେଶର ମାତ୍ର ମୂଳ ଅକ୍ଷରଟି କହିଲେ ''ଦ'' ।

Digitized by srujanika@gmail.com

ଦେବତାମାନେ କିଛି ବୁଝି ନପାରି ପଚାରିଲେ - ପ୍ରଭୋ ! ଗୋଟିଏ ଅକ୍ଷର 'ଦ' ରୁ ଆମେ କଣ ବୁଝିବୁ ?

ବ୍ରହ୍ମା କହିଲେ - ତୁମେମାନେ ସ୍ୱର୍ଗରେ ରହି କେବଳ ମଉଜ ମଜଲିସ୍ କରୁଛ । ଅନ୍ୟମାନଙ୍କ ଦୁଃଖ ତୁମକୁ ବାଧୁନାହିଁ । ତେଣୁ ତୁମେ ସବୁ ତୁମର ଇନ୍ଦ୍ରିୟମାନଙ୍କୁ "ଦମନ" କର ।

ଅସୁରମାନେ ସେମିତି ପଚାରିବାରୁ ବ୍ରହ୍ମା ବୁଝାଇଲେ - ତୁମେମାନେ ସର୍ବଦା ହୁଣ୍ଡା ଗୁଣ୍ଡାଙ୍କ ପରି ହେଉଛ । ହିଂସା ରାଗରେ ଜଳିପୋଡ଼ି ଅନ୍ୟକୁ ମାରୁଚ ଆଉ ନିଜେ ମରୁଚ । ତେଣୁ ତୁମ ସମସ୍ତଙ୍କୁ କହୁଛି "ଦୟା" କର ।

ଶେଷରେ ବ୍ରହ୍ମା ମଣିଷକୁ ଚାହିଁ କହିଲେ - ତୁମେ ସାରା ଜୀବନ ଧନ ରୋଜଗାର କରିବାରେ ଲାଗିଛ । ଯାହା ପାରୁଛ ଖର୍ଚ୍ଚ କରୁଛ, ଯାହା ବଳୁଛି ସଂଚୟ କରୁଛ । କିନ୍ତୁ ଦାନ ଧର୍ମ କରୁନାହଁ । କଥାରେ ଅଛି - ଧନ ଅର୍ଜିଲେ ଧର୍ମ କରି । ତୁମେ ଅଭାବ ଅସୁବିଧାରେ ପଡ଼ିଥିବା ଲୋକମାନଙ୍କୁ "ଦାନ" କର ।

ବଳିଆ କହିଲା - ସତେ ଏଇ ଗୋଟିଏ ଅକ୍ଷର ଭିତରେ କେତେ ଗୁମର କଥା । କେଉଁ କାଳର କଥା, ହେଲେ କେତେ ନୂଆ, କେତେ ଗହନ !

ରାମୁ କହିଲେ - ଆମରି ଭିତରେ ଦେବତା ଅଛନ୍ତି, ମଣିଷ ତ ଅଛନ୍ତି ଆଉ ଅସୁର ବି ଅଛନ୍ତି । ତେଣୁ ଦମନ, ଦୟା ଓ ଦାନ ପ୍ରତ୍ୟେକଙ୍କ ପାଇଁ ନିତାନ୍ତ ଦରକାର ।

Digitized by srujanika@gmail.com

ଗୋପାଳ ବାବୁ କହିଲେ- ମନର ମୂଳେ ଏ ଜଗତ । ଏଇଠି ଅଛି ସ୍ୱର୍ଗ,ନରକ ଆଉ ମରତ । ଏଇଠି ଅଛି ସବୁ । ଅଧିକାର ପରି କର୍ତ୍ତବ୍ୟ ମଧ୍ୟ ଦୁଇ ପ୍ରକାର । ଗୋଟିଏ ହେଲା ନୈତିକ ଓ ଅନ୍ୟଟି ହେଲା ଆଇନଗତ କର୍ତ୍ତବ୍ୟ । ଯେଉଁ କର୍ତ୍ତବ୍ୟ ଆମେ ବିବେକର କଥାମାନି କରୁ, ତାହା ନୈତିକ କର୍ତ୍ତବ୍ୟ । କିନ୍ତୁ ଆଇନ ଓ ସଂବିଧାନ ଅନୁସାରେ କେତେ ଗୁଡ଼ିଏ ଦାୟିତ୍ୱ ପ୍ରତ୍ୟେକ ନାଗରିକକୁ ଦିଆଯାଇଛି । ସେଗୁଡ଼ିକୁ ଆଇନଗତ କର୍ତ୍ତବ୍ୟ କୁହାଯାଏ । ସେଗୁଡ଼ିକ ନ ମାନିଲେ ମଣିଷ ଦଣ୍ଡପାଏ । ବେଶୀ ରୋଜଗାର କଲେ ଆୟକର ଦେବାକୁ ହୁଏ । ସେମିତି କେତେକ ଜିନିଷ ବିକିଲେ ଆମେ ବିକ୍ରି ଟିକସ ଦେବା ଉଚିତ । ଏଥିରେ ଖିଲାପ କଲେ, ଆମକୁ ଦଣ୍ଡ ଭୋଗ କରିବାକୁ ପଡ଼େ ।

ସମସ୍ତଙ୍କର ନିଜ ନିଜର କର୍ତ୍ତବ୍ୟ ବିଷୟରେ ଜାଣିବାର ଆଗ୍ରହ ଦେଖି ଗୋପାଳବାବୁ କହିଲେ - ପ୍ରଥମଟି ହେଲା ରାଷ୍ଟ୍ର ବା ଦେଶ ପ୍ରତି ମମତା । ଏଥିପାଇଁ ଦେଶ ବା ସଂବିଧାନକୁ ମାନି ଚଳିବା ଉଚିତ । ଦେଶର ସୁରକ୍ଷା ଓ ଉନ୍ନତି ପାଇଁ ଲଢ଼େଇ କରିବା ଦରକାର । ଦ୍ୱିତୀୟଟି ହେଲା, ଆଇନ ପାଳିବା ବା ମାନିବା । ଆଇନ ଆଗରେ ସମସ୍ତେ ସମାନ । ସେଥିରେ ଖିଲାପ କଲେ ଦଣ୍ଡ ଭୋଗ କରିବାକୁ ହୋଇଥାଏ । ସେମିତି ନିୟମିତ ଭାବରେ ଖଜଣା, ଟିକସ ଦେବା ନାଗରିକର କର୍ତ୍ତବ୍ୟ । ତାହା ଶାସନ ଚଳାଇବା ପାଇଁ ନିତାନ୍ତ ଦରକାର ।

ଗଣତନ୍ତ୍ରରେ ଲୋକମାନେ ସିଧାସଳଖ ଶାସନ କାର୍ଯ୍ୟରେ ଭାଗ ନେଇପାରନ୍ତି ନାହିଁ । ତେଣୁ ସେମାନେ ଉପଯୁକ୍ତ ଲୋକଙ୍କୁ ନିଜର ପ୍ରତିନିଧି ଭାବରେ ବାଛି ଏହି ଦାୟିତ୍ୱ ଦିଅନ୍ତି । ଭଲ ଲୋକ ବଛାଗଲେ,

Digitized by srujanika@gmail.com

ଶାସନ ଭଲ ଚାଲେ । ଅଯୋଗ୍ୟ ଲୋକ ବାଛିଲେ ଶାସନ ଖରାପ ହୁଏ । ତେଣୁ ଭୋଟ ଦେଇ ଲୋକପ୍ରତିନିଧି ବାଛିବା ନାଗରିକର ବଡ଼ କର୍ତ୍ତବ୍ୟ । ଭଲ ଭାବରେ ସରକାର ଚଳାଇବା ମଧ୍ୟ ସେଇ ପ୍ରତିନିଧିମାନଙ୍କର ପବିତ୍ର ଦାୟିତ୍ୱ ।

ସେ ଆହୁରି କହିଲେ - ମଣିଷର କର୍ତ୍ତବ୍ୟ ବଡ଼ । ଏହା ଠିକ୍ ଭାବେ କରିବା ତା'ର ଧର୍ମ । ଏହି ବିଷୟରେ ପୁରାଣର ଧର୍ମ ବ୍ୟାଧ କଥାଟି ମନେ ପଡ଼େ ।

ସମସ୍ତେ କାନ ଡେରି ତାଙ୍କ ଆଡ଼େ ଚାହିଁଲେ । ଗୋପାଳ ବାବୁ ଆରମ୍ଭ କଲେ -

ଥରେ ଜଣେ ସନ୍ନ୍ୟାସୀ ତପସ୍ୟା କରୁଥିଲେ । ଗୋଟିଏ ଚଢ଼େଇ ତାଙ୍କ ଉପରେ ମଳତ୍ୟାଗ କଲା । ସନ୍ୟାସୀ ରାଗିଯାଇ ତାକୁ ଚାହିଁ ଦେବାରୁ ଗଛଡାଳରୁ ଚଢ଼େଇଟି ତଳେ ଖସି ପଡିଲା । ସେଇ ଗଛମୂଳେ ପଡ଼ିଲା ମୁଠାଏ ପାଉଁଶ ମାତ୍ର । ସନ୍ନ୍ୟାସୀ ଏହା ଦେଖି ଭାବିଲେ, ତାଙ୍କ ତପସ୍ୟାରେ ସିଦ୍ଧି ଲାଭ ହୋଇଛି । ତା' ନ ହୋଇଥିଲେ ସେ ରାଗରେ ଚାହିଁ ଦେବା ମାତ୍ରେ ଚଢେଇଟି ପାଉଁଶ ମୁଠାଏ ହୋଇଯାଇ ନଥାନ୍ତା ।

ସନ୍ନ୍ୟାସୀଙ୍କ ମନରେ ଏଥିପାଇଁ ଭାରି ଗର୍ବ । ଲୋକଙ୍କ ମଧ୍ୟରେ ଧର୍ମ ପ୍ରଚାର କରିବାକୁ ସେ ବାହାରିଲେ । ଲୋକେ ଆପେ ଆପେ ତାଙ୍କୁ ଭିକ୍ଷାଦେଲେ । ତାଙ୍କ ଉପଦେଶ ଶୁଣିଲେ । ହେଲେ, ଦିନେ ସେ ଜଣେ ବ୍ରାହ୍ମଣଙ୍କ ଦୁଆରେ ଭିକ୍ଷା ମାଗିଲେ । ବ୍ରାହ୍ମଣୀ ଘର ଭିତରୁ କହିଲେ - ଗୋସେଇଁ, ଟିକେ ଅପେକ୍ଷା କର । ମୋର ସ୍ୱାମୀ ବେମାର । ତାଙ୍କ ସେବା ସାରି ମୁଁ ଭିକ୍ଷା ଦେବି ।

Digitized by srujanika@gmail.com

ସନ୍ୟାସୀ ଗର୍ବରେ ଫୁଲି ଉଠିଛନ୍ତି । ସେ ଭାବିଛନ୍ତି, ତାଙ୍କର ଆସନ ଖୁବ୍ ଉଚ୍ଚରେ । ଆଉ ସମସ୍ତେ ତାଙ୍କୁ ଖୁବ୍ ମାନିବେ । ବ୍ରାହ୍ମଣୀ ତାଙ୍କୁ ସମ୍ମାନ ଦେବା ଜାଣିନାହାନ୍ତି । ସେଥିପାଇଁ ତାଙ୍କ ମନରେ ଭାରି ରାଗ ହେଲା । ଏହା ଜାଣି ପାରି ବ୍ରାହ୍ମଣୀ କହି ଉଠିଲେ - ମୁଁ ଚଢ଼େଇ ନୁହେଁ ଯେ, ତୁମ କୋପରେ ପୋଡ଼ି ଯିବି ।

ସନ୍ୟାସୀ ଅବାକ୍ ହେଲେ । ସ୍ତ୍ରୀ ଲୋକଟି କିପରି ଏକଥା ଜାଣିଲେ ? ତାଙ୍କର ଚିନ୍ତା ବଢ଼ିଗଲା ।

କିଛି ସମୟ ପରେ ବ୍ରାହ୍ମଣୀ କିଛି ଚାଉଳ ଆଣି ସନ୍ୟାସୀଙ୍କୁ ଦେଲେ ଆଉ କହିଲେ- ତୁମେ ଏ ଗାଁ ମୁଣ୍ଡର ବ୍ୟାଧ ପାଖକୁ ଯାଇ ଆଗେ ଧର୍ମ ଶିକ୍ଷା କର, ପରେ ଧର୍ମ ପ୍ରଚାର କରିବ ।

ଏକଥା ଶୁଣି ସନ୍ୟାସୀଙ୍କ ମନ ଜୋକ ମୁହଁରେ ଲୁଣ ଦେଲା ପରି ହେଲା । ଆଗରୁ ସେତ ଗର୍ବରେ ଫୁଲିଥିଲେ, ଏବେ ଗାଁ ମୁଣ୍ଡର

Digitized by srujanika@gmail.com

ବ୍ୟାଧଠାରୁ ଧର୍ମଶିକ୍ଷା କରିବା ଶୁଣି ଭାଙ୍ଗି ପଡ଼ିଲେ । ତେବେ ଧୈର୍ଯ୍ୟ ଧରି ବ୍ୟାଧ ପାଖକୁ ଗଲେ । ଦେଖିଲେ ବ୍ୟାଧଟି ଛେଳି ମାଂସ କାଟି ବିକୁଛି । ତା'ଆଗରେ କଟା ମାଂସ ଝୁଲୁଛି । ହାତ ଓ କଟୁରୀ ତା'ର ଲାଲ୍ ରକ୍ତରେ ଜୁଡୁବୁଡୁ । ସେ କିନ୍ତୁ ନିର୍ବିକାରଭାବରେ ମାଂସ କାଟି ଚାଲିଛି ।

ଦୂରରୁ ବ୍ୟାଧ ସନ୍ୟାସୀଙ୍କୁ ଦେଖି କହିଲା- ହେ ଗୋସେଇଁ, ତୁମେ ମୋ' ଘରକୁ ଯାଇ ବିଶ୍ରାମ କର । ମୋ ପୁଅ ଅଛି । ସେ ମୁହଁ ହାତ ଧୋଇବାକୁ ପାଣିଦେବ । ମୁଁ ଏ କାମ ସାରି ଶୀଘ୍ର ଯିବି । ଆଜି ମୁଁ ଆପଣଙ୍କୁ ଅତିଥି ଭାବରେ ପାଇ ଭାରି ଖୁସି ।

ସନ୍ୟାସୀ ବ୍ୟାଧ କଥା ଶୁଣି ଆଁଶ୍ଚର୍ଯ୍ୟ ହେଲେ । ଗାଁ ଭିତରକୁ ଗଲେ । ପିଣ୍ଡାରେ ବସିଥିଲାବେଳେ ବ୍ୟାଧ ନଈରେ ଗାଧୋଇ

Digitized by srujanika@gmail.com

ପହଞ୍ଚିଲା । ସେ ଆଗ ରୋଷେଇ ଘରୁ ଭାତ ତରକାରୀ ଆଣି ବୁଢ଼ା ବାପ ମା' ଙ୍କୁ ନିଜ ହାତରେ ଖୁଆଇ ଦେଲା ।

ସନ୍ୟାସୀ ଏସବୁ ଦେଖୁଥିଲେ । ବ୍ୟାଧ ସନ୍ୟାସୀଙ୍କ ସହିତ ଭୋଜନ କଲା । ଧର୍ମ କ'ଣ ଏ କଥା ଆଉ ସନ୍ୟାସୀ ପଚାରିଲେ ନାହିଁ । ବ୍ୟାଧ ମଧ କିଛି କହିଲା ନାହିଁ । କେବଳ ସନ୍ୟାସୀ ଦେଖିଥିଲେ ଯେ, ବ୍ରାହ୍ମଣୀ ସ୍ୱାମୀଙ୍କର ସେବା ଓ ବ୍ୟାଧ ବାପ ମାଆଙ୍କର ସେବାକୁ ପ୍ରଧାନ କର୍ତ୍ତବ୍ୟ ବୋଲି ଭାବିଛନ୍ତି । ଏହି କର୍ତ୍ତବ୍ୟ ହିଁ ଧର୍ମ । ମଣିଷ ଓ ତା'ର ସମାଜକୁ ଧର୍ମ ଧାରଣ କରି ରଖେ । ଏସବୁ ଦେଖି ସନ୍ୟାସୀଙ୍କ ମନରୁ ଗର୍ବ ମଧ ପୋଛି ହୋଇଗଲା ।

ଗୋପାଳ ବାବୁ କହିଲେ - କର୍ତ୍ତବ୍ୟ ପାଳନ ବଡ଼ କଥା । ଅଧିକାର ଓ କର୍ତ୍ତବ୍ୟ ଗୋଟିଏ ଟଙ୍କାର ଦୁଇଟି ପାଖ ପରି । ଆମେ ଆମର କର୍ତ୍ତବ୍ୟ ଠିକ୍ ଭାବରେ କରିବା ସଙ୍ଗେ ସଙ୍ଗେ ଅନ୍ୟର ଅଧିକାରକୁ ସମ୍ମାନ ଦେଖେଇବା ଉଚିତ ।

ତେଣୁ ଗାନ୍ଧିଜୀ କହିଥିଲେ - ଆମ ଅଧିକାରର ପ୍ରକୃତ ମୂଳ ହେଉଛି କର୍ତ୍ତବ୍ୟ । ଆମେ ସମସ୍ତେ କର୍ତ୍ତବ୍ୟରେ ହେଳା କରି କେବଳ ଅଧିକାରଗୁଡ଼ିକ ଜାହିର କରି ବସିବା, ଠିକ୍ ନୁହେଁ । ଏହାହେଲେ ମରୁଭୂମିର ମରୀଚିକା ପଛରେ ଧାଇଁଲା ପରି ହେବ ।

ଯେତେ ଆମେ ଅଧିକାର ପଛରେ ଧାଇଁବା, ସେଗୁଡ଼ିକ ସେତିକି ଦୂରରୁ ଦୂରକୁ ଘୁଞ୍ଚିଯିବ । ତେଣୁ ଆମେ ନିଜର କର୍ତ୍ତବ୍ୟ ଠିକ୍ ଠିକ୍ କରିପାରିଲେ, ଅଧିକାରଗୁଡ଼ିକ ଆପେ ଆପେ ମିଳିଯିବ । ଲୋକଙ୍କ ମଙ୍ଗଳ ସହିତ ସମାଜ ଓ ଦେଶର ଉନ୍ନତି ହୋଇପାରିବ ।

*

Digitized by srujanika@gmail.com